# Akashvani, Sambalpur

## SAMBALPURI NEWS EVENING BULLETIN

## 20 June 2025- 7.02 pm- 7.12 pm.

*********************************************

୧- ପୂର୍ବ ଭାରତ୍‌ର ବିକାଶ୍ ଧାରାଥି ପୁରା ଜୁଡ଼ି ହେଇଛେ ଓଡ଼ିଶା - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ବିକଶିତ୍ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ -୨୦୩୬ର କଲେ ଉନ୍ମୋଚନ୍ ।

- ୧୮ ହଜାର୍ ୬ ଶହ କୋଟି ଟଙ୍କାର୍ ଶହେ ୫ ଟା ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ ।

୨- ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଳନ୍ ଲାଗି ସାରା ଦେଶେ ସର୍‌ଲା ତୟାରି ।

୩- ଖରାଛୁଟି ଉତ୍‌ରୁ ରାଏଜେ ଆଏଜ୍‌ଠାନୁ ଖୁଲ୍‌ଲା ସ୍କୁଲ୍ ।

ଆଉର୍

୪- ଅଣସର ଘରେ ମାହାପୁରୁମାନ୍‌କର୍ ଗୁପ୍ତ ଚିକିତ୍ସାଥି ଆଏଜ୍ ହେବା ଚକାବିଜେ ନୀତି ।

ରାଜ୍ୟର୍ ବିଜେପି ସର୍‌କାର୍ ଗଲା ଗୁଟେ ବଛର୍ ଭିତ୍‌ରେ ଓଡ଼ିଶାର୍ ବିକାଶ୍ ଦିଗେ ପ୍ରଶଂସନୀୟ କାମ୍ କରିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ୧ ବଛର୍ ପୂର୍ତି ସମାରୋହଥି ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ବିକଶିତ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ ୨୦୩୬କେ ଉନ୍ମୋଚନ୍ କରିକରି କହିଛନ୍, ପୂର୍ବ ଭାରତ୍‌ର ବିକାଶ୍ ଧାରାଥି ଓଡ଼ିଶା ଇହାଦେ ପୁରା ଜୁଡ଼ି ହେଇଛେ । ବିକଶିତ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ ୨୦୩୬ଥି ଓଡ଼ିଶା ସର୍‌କାର୍ ରାଜ୍ୟର୍ ବିକାଶ୍ ଲାଗି ବହୁତ୍‌ଟେ ସ୍ୱତନ୍ତ୍ର ଯୋଜ୍‌ନା କରିଛନ୍ । ଇଥି ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ନୁ ମୁଲ୍ କରିକରି ସବୁ ଦିଗ୍‌କେ ଧ୍ୟାନ୍ ଦିଆଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ୧୮ ହଜାର ୬ ଶହ କୋଟି ଟଙ୍କାର ଶହେ ୫ଟା ପ୍ରକଳ୍ପର ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ରାଜ୍ୟର୍ ୭୦ ବଛର୍‌ନୁ ଅଏତ୍‌କା ବଏସର୍ ଲୁକ୍‌କୁ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାଥି ସ୍ୱାସ୍ଥ୍ୟ କାର୍ଡ ବାଂଟିଛନ୍ । ବରପୁତ୍ର ଆତିଥ୍ୟ ଗ୍ରାମ ଯୋଜ୍‌ନା ଆର୍ କ୍ଲଷ୍ଟ୍ ଅଧୀନ୍‌ଥି ଶହେ ଟା ବିଦ୍ୟୁତ୍ ଚାଲିତ୍ ବସ୍ ସେବାର୍ ଶୁଭାରମ୍ଭ କରିଛନ୍ । ଇ

ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ଠାନୁ ବୌଦ୍ଧ ଜିଲ୍ଲାକେ ରେଲ୍ ଯୋଗାଯୋଗ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ଗୋଦାବରିଶ୍ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଲୟ ବହି ଉନ୍ମୋଚନ୍ କରିଛନ୍ ।

ଆଏଜ୍ ଉପର୍‌ବେଲା ୩ ବାଜିକରି ୪୦ ମିନିଟ୍‌ଥି ବାୟୁସେନାର୍ ଗୁଟେ ସ୍ୱତନ୍ତ୍ର ବିମାନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିଥିଲେ । ତାର୍ ଉତ୍‌ରୁ ତ୍ରିରଙ୍ଗା ଶୋଭାଯାତ୍ରାଥି ଜନତା ମଇଦାନ୍ ସଭାସ୍ଥଲ୍‌କେ ଯାଇଥିଲେ । ଓଡ଼ିଶାର୍ କାର୍ଯ୍ୟକ୍ରମ୍ ସାରିକରି ପ୍ରଧାନ୍‌ମନ୍ତ୍ରୀ ଉପର୍‌ବେଲା ଆନ୍ଧ୍ରପ୍ରଦେଶ୍ ଯାତ୍ରା କରିଛନ୍ । ବିଶାଖାପାଟ୍‌ନମ୍ ଠାନେ ଆଏବା କାଏଲ୍ ହେବାର୍‌କେ ଥିବା ଯୋଗ ଦିବସ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବେ ।

କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀମାନେ ଉପସ୍ଥିତ୍ ଥିଲେ ।

ସମାରୋହଥି ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶା ଇହାଦେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପୂର୍ବୋଦୟ ଭିଜନ୍ ସଙ୍ଗେ ତାଲ୍ ଦେଇକରି ଆଗ୍‌କେ ବଢୁଛେ । ପ୍ରଧାନ୍‌ମନ୍ତ୍ରୀ ରାଏଜେ ବହୁତ୍ ବଡ଼ ଭିତିଭୂମିର୍ ପରିବର୍ତନ୍ ଆନିଛନ୍ । ରେଲ୍‌ବାଇର୍ ବିକାଶ୍ କରିକରି ବନ୍ଦେ ଭାରତ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ ।

ତାଙ୍କର୍ ନେତୃତ୍ୱଥି ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ ଭିତିଭୂମିର୍ ଭିଲ୍ ବିକାଶ୍ ହେଇଛେ । ମହିଲା ସଶକ୍ତିକରଣ୍ ଲାଗି ଗଲା ବଛର୍ ପ୍ରଧାନ୍‌ମନ୍ତ୍ରୀ ରାଏଜେ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଯୋଗ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

"ଏକ୍ ପୃଥିବୀ: ଏକ ସ୍ୱାସ୍ଥ୍ୟ ଲାଗି ଯୋଗ" ବାର୍ତା ନେଇକରି ଆଏବାକାଏଲ୍ ପାଲନ୍ ହେବା ଅନ୍ତର୍ଜାତୀୟ ଯୋଗ ଦିବସ । ଇତାକେ ନେଇକରି ସାରା ଦେଶେ କେତ୍‌ନିକେତେ ଗହଗହ ମୁଲ୍ ହେଇଗଲାନ । ଆନ୍ଧ୍ରପ୍ରଦେଶ୍‌ର ବିଶାଖାପାଟ୍‌ନମ୍‌ଠାନେ ଆୟୁଷ୍ ମନ୍ତ୍ରଣାଳୟ ତର୍‌ଫୁ ଜାତୀୟ ସ୍ତରୀୟ ସମାରୋହର ଆୟୋଜନ୍ କରାଯାଇଛେ । ଇଥି ପ୍ରଧାନମନ୍ତ୍ରୀ ନରେନ୍ଦ୍ରେ ମୋଦୀଙ୍କର୍ ସହେତେ ୫ ଲାଖ୍ ଲୋକ୍ ଏକାସଙ୍ଗେ ଯୋଗାଭ୍ୟାସ୍ କର୍‌ବେ । ଇ ଅବ୍‌ସରେ ଦେଶର୍ ୩ ଲାଖ୍ ୫୦ ହଜାର୍‌ନୁ ଅଏତକା ଜାଗା ନ ଯୋଗ ସଙ୍ଗମ୍ କାର୍ଯ୍ୟକ୍ରମ୍‌ମାନ୍ ହେବା । ସଂସ୍କୃତି ମନ୍ତ୍ରଣାଳୟ ତର୍‌ଫୁ ଓଡ଼ିଶାର କୋଣାର୍କ ସହେତେ ଦେଶର୍ ଶହେଟା ପର୍ଯ୍ୟଟନ ସ୍ଥଲ୍ ଆଉ ୫୦ନୁ ଅଏତ୍‌କା ସାଂସ୍କୃତିକ୍ କେନ୍ଦ୍ରଠାନେ ଯୋଗ ଶିବିର୍‌ର ଆୟୋଜନ୍ କରାଯାଇଛେ ।

ଅନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ଆଏବାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ଯୋଗ ଦିବସ୍ ପାଲନ୍ କରାଯିବା । ଇଥିର୍‌ଲାଗି ୧୪ ଝନ୍ ମନ୍ତ୍ରୀଙ୍କୁ ଭିନ୍ ଭିନ୍ ଜିଲ୍ଲାର ଦାୟିତ୍ୱ ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାନେ ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେବେ । ସମ୍ବଲପୁରଠାନେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଆଉ ରିଭର୍ ଫ୍ରଂଟ୍‌ଠାନେ ୫ ହଜାର ଲୋକ୍ ଯୋଗାଭ୍ୟାସ୍ କର୍‌ବେ । ଇଥିର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ୟୁଜି ନାଁଲେଖା -ସମିଆ ବୃଦ୍ଧି ହି.ସ.

୨୦୨୫-୨୬ ଶିକ୍ଷାବଛରେ ୟୁଜି ପହେଲା ଖେପେ୍ ନାଁଲେଖା ସମିଆ ଆଏବା କାଏଲ୍ ମଏଧାନର୍ ୩ ବଜେତକ୍ ବଢ଼ାଯାଇଛେ । ପହେଲା ଖେପେ ନାଁଲେଖାଥି ବଂଚିତ୍ ରହିଥିବା ଛାତ୍ରଛାତ୍ରୀ ଇ ସମିଆ ଭିତ୍‌ରେ ନାଁଲେଖା ପ୍ରକ୍ରିୟା ପୁରା କରିପାର୍‌ବେ ବଲି ଜନାପଡ଼ିଛେ ।

ସ୍କୁଲ୍ ଖୁଲ୍‌ଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରା ଛୁଟି ଉତ୍ରୁ ଆଏଜ୍ଠାନୁ ରାଜ୍ୟର୍ ସବୁ ବିଦ୍ୟାଳୟ ମାନେ ଖୁଲିଛେ । ମାତର୍କ ଝାଡ଼ାବାନ୍ତି ସଂକ୍ରମଣ ଲାଗି ଯାଜପୁର ଆଉ ଭଦ୍ରକ ଜିଲ୍ଲାନ ସ୍କୁଲମାନ୍କୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ବନ୍ଦ ଘୋଷଣା କରାଯାଇଛେ । ସେନ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଗସ୍ତ ଲାଗି ଆଏଜ୍ ଭୁବନେଶ୍ୱର ଆଉ କଟକଠାନେ ଭିଲ୍ ସ୍କୁଲ୍ ମାନ୍ ବନ୍ଦ ରହିଥିଲା । ରାଜ୍ୟର୍ କେତେଟା ଜିଲ୍ଲା ନ ଝାଡ଼ାବାନ୍ତି ଲାଗି ରହିଥିବାର୍ନୁ ସାରା ରାଏଜେ ବିଦ୍ୟାଳୟମାନ୍କେ ଅଏତ୍କା ସଫାସୁତ୍ରା ପଦକ୍ଷେପ୍ ନେବାର୍କେ ଗଣଶିକ୍ଷା ବିଭାଗ୍ ତର୍ଫୁ ନିର୍ଦ୍ଦେଶ ଦିଆଯାଇଛେ । ଛାତ୍ରଛାତ୍ରୀମାନଙ୍କୁ ସଫା ପିଇବାର୍ ପାଏନ୍, ମଧ୍ୟାହ୍ନ ଭୋଜନ୍ଥି ଭଲ୍ ଆଉ ସଫା ଖାଦ୍ୟ ଦେବାର୍କେ କୁହାଯାଇଛେ ।

ମାହାପୁରଙ୍କର୍ ଚକାବିଜେ ନୀତି     ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ନ ଅନବସର ନୀତି ଅନ୍ସାରେ ଆଏଜ୍ ଦଶ୍ମୀ ତିଥିଥି ମାହାପୁରୁମାନ୍କର ଚକାବିଜେ ନୀତି କରାଯିବା । ଫୁଲୁରି ତେଲ ଲାଗି ଉତ୍ରୁ ମାହାପୁରୁମାନକର୍ ଆୟୁର୍ବେଦିକ୍ ଚିକିତ୍ସା ଚାଲିଛେ । ଚିକିତ୍ସା ଉତ୍ରୁ ଚତୁର୍ଦ୍ଧା ମୂର୍ତି ଧିରେ ଧିରେ ସୁସ୍ଥ ହେବାର୍ଥି ଲାଗିଛନ୍ । ଆଏଜ୍ ମାହାପୁରୁମାନେ ସୁସ୍ଥ ହେଇକରି

ଶୁଇବାର୍ ଅବସ୍ଥାନୁ ଉଠିକରି ବସ୍‌ବେ । ଶ୍ରୀମନ୍ଦିରର୍ ମଧ୍ୟାହ୍ନ ଧୂପ ଆର୍ ଭୋଗମଣ୍ଡପ୍ ନୀତି ଉତ୍‌ରୁ ଜୟବିଜୟ ଦ୍ୱାର ବନ୍ଦ୍ କରାଯାଇକରି ବେହରଣ ଦ୍ୱାର ଫିଟାଯିବା ଆଉ ଅନବସର ନୀତି କରାଯିବା । ଇଥି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚକା ଉପ୍‌ରେ ଦଇତାପତିମାନେ ବିଜେ କରାବେ । ତାର୍ ଉତ୍‌ରୁ ଚକ୍‌ଟା ଆର୍ ପଣା ଭୋଗ ଲାଗି ହେବା । ସେଆଡ଼େ ଶ୍ରୀବିଗ୍ରହମାନେ ପୁରା ସୁସ୍ଥ ହେବାର୍ ଲାଗି ରାଜବୈଦ୍ୟ ତିଆର୍ କରିଥିବା ଦଶମୂଳ, ମୋଦକ୍ ଶ୍ରୀମନ୍ଦିର୍ ଗାରଦ୍‌କେ ଦିଆଯିବା । ଆଏବା କାଏଲ୍ ଏକାଦଶୀ ତିଥି ଦିନ ମାହାପୁରୁମାନେ ଦଶମୂଳ ଉଷୋ ଖାଏଲା ଉତ୍‌ରୁ ପୁରା ପୁରି ଠିକ୍ ହେବେ । ତାର୍ ଆରଦିନ ଦ୍ୱାଦଶୀ ତିଥି ନ ଦଇତାପତିମାନେ ଶ୍ରୀନଅରକେ ଯାଇକରି ମାହାପୁରୁମାନ୍‌କର ସୁସ୍ଥ ହେବାର୍ ଖବର୍ ଗଜପତି ମାହାରାଜ୍‌ଙ୍କୁ ଦେବାର୍ ପରମ୍ପରା ରହିଛେ ।

ଡାଇରିଆ ନିୟନ୍ତ୍ରଣ୍ ପଦକ୍ଷେପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଝାଡ଼ାବାନ୍ତି ସଂକ୍ରମଣ୍‌ର୍ ତୁର୍‌ତି ମୁକାବିଲା କର୍‌ବାର୍ ଲାଗି ସର୍‌କାର୍ ମେଡ଼ିକାଲ୍ କଲେଜ୍‌ନୁ ମୁଲ୍ କରିକରି ତୃଣମୂଳ ସ୍ତର୍‌ତକ୍ ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍, ଗୃହ ନିର୍ମାଣ ଆଉ ନଗର୍

ଉନ୍ନୟନ୍ ବିଭାଗ୍ ଆଉ ମିଶନ୍ ଶକ୍ତି ବିଭାଗ୍ ମିଶିକରି ମୁକାବିଲା ଦିଗେ ପଦକ୍ଷେପ୍ ନିଆଯାଉଛେ । ଲୁକ୍‌କୁ ସଚେତନ୍ କରାଯିବାର୍ ସହେତେ ସଫାସୁତ୍‌ରା ଉପ୍‌ରେ ଧ୍ୟାନ୍ ଦିଆଯାଉଛେ । ଇତାର୍‌ବଲେ ରାଏଜେ ଡାଇରିଆ ଥିତି କମ୍‌ବାର୍‌କେ ଲାଗିଛେ ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶରଣାର୍ଥୀ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶରଣାର୍ଥୀ ମାନ୍‌କର୍ ସଂଘର୍ଷକେ ଜନାବାର୍, ସେମାନ୍‌କୁ ସମବେଦନା ଜନେଇକରି ସହଯୋଗ୍‌ର ହାତ୍ ବଢ଼ାବାର୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ଶରଣାର୍ଥୀ ଦିବସ୍ ପାଲନ୍ କରାଯାଉଛେ । ଏଛ୍‌ନିର୍ ସମିଆଥି ଶରଣାର୍ଥୀ ସମସ୍ୟା ଗୁଟେ ବିଶ୍ୱସ୍ତରୀୟ ସମସ୍ୟା ପାଲ୍‌ଟିଛେ । ଇତାର୍ ମୁକାବିଲା ଲାଗି ସାରା ପୁର୍‌ଥି ନ ଚେରେଷ୍ଟା ଚାଲିଛେ । ଯୁଦ୍ଧ, ଦରିଦ୍ରତା ଆଉ ଭିନ୍ ଭିନ୍ କାରଣ୍‌ନୁ ଶରଣାର୍ଥୀ ହେଇଥିବାର୍ ଲୁକ୍‌କୁ ସେମାନ୍‌କର୍ ଘର୍‌କେ ଫିରେଇ ନେବାର୍ ଲାଗି ମିଳିତ ଜାତିସଂଘ ତର୍‌ଫୁ ଜରୁରୀ ପଦକ୍ଷେପ୍ ମାନ୍ ନିଆଯାଉଛେ । ଶରଣାର୍ଥୀଙ୍କର୍ ସମସ୍ୟାର୍ ସମାଧାନ୍ ଲାଗି ଜାତିସଂଘ ତର୍‌ଫୁ 'ୟୁନାଇଟେଡ୍ ନେସନ୍ସ ହାଇ କମିଶନ୍ ଫର୍ ରିଫ୍ୟୁଜି' ନାଁଥି ଗୁଟେ ସଂସ୍ଥା ଗଠନ୍ କରାଯାଇଛେ । ଇ ସଂସ୍ଥା ଶରଣାର୍ଥୀମାନ୍‌କୁ ସ୍ୱିକୃତୀ

ଦେଇକରି ସେମାନ୍‌କୁ ସହଯୋଗ୍ କର୍‌ବାର୍ ଦିଗେ ରାଜନୈତିକ୍ ଇଚ୍ଛାଶକ୍ତି ସୃଷ୍ଟି କର୍‌ବାର୍ ଦିଗେ କାମ୍ କରୁଛେ ।

କଳାହାଣ୍ଡି ଜିଲ୍ଲାପାଳ୍- ଡାଇରିଆ ସମୀକ୍ଷା/କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ପାୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲାର୍ ସବୁ ତହସିଲ୍‌ଦାର୍, ଗୋଷ୍ଠୀ ଉନ୍ନୟନ୍ ଅଧିକାରୀ, ସହରାଂଚଲ୍ ନିର୍ବାହୀ ଅଧିକାରୀ ଆଉ ଜିଲ୍ଲାସ୍ତରୀୟ ସବୁ ବିଭାଗ୍‌ର ଅଧିକାରୀମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ । ସବୁ ନାଲି ନର୍ଦ୍ଦମା ସହେତେ ପରିବେଶ୍ ସଫା ରଖିବାର୍‌କେ ଜିଲ୍ଲାପାଳ୍ - ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ସହର୍‌ଠାନୁ ଗାଁ ଇଲାକା ସବୁଆଡ଼େ ଡାଇରିଆକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

କ୍ଷେତ୍ର ସ୍ତରୀୟ ଆର୍ଥିକ୍ ସାକ୍ଷରତା କାର୍ଯ୍ୟକ୍ରମ ସୁବର୍ଣ୍ଣପୁର୍

ଭାରତୀୟ ରିଜର୍ଭ ବେଙ୍କ୍ - ଆର୍.ବି.ଆଇ. ଭୁବ୍‌ନେଶ୍ୱର୍ ଶାଖା ତର୍‌ଫୁ ସୁବର୍ଣ୍ଣପୁର୍ ଟାଉନ୍ ହଲ୍ ଠାନେ କ୍ଷେତ୍ର ସ୍ତରୀୟ ଆର୍ଥିକ୍ ସାକ୍ଷରତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଆର୍‌ବିଆଇ ମହାପ୍ରବନ୍ଧକ ଅନୀତା ପଟ୍ଟନାୟକ୍, ସୁବର୍ଣ୍ଣପୁର୍ ଜିଲ୍ଲାପାଳ ଅନ୍ୟା ଦାସଙ୍କର୍ ସହେତେ ଅଧିକାରୀମାନେ ଯୋଗ୍ ଦେଇକରି ଆର୍ଥିକ ସାକ୍ଷରତା ଆଉ ଇ ବାବ୍‌ଦେ ସଚେତନତା ଉପ୍‌ରେ ଜୋର୍ ଦେଇଥିଲେ । ଇ ବାବ୍‌ଦେ ରିଜର୍ଭ ବେଙ୍କ୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ଉପ୍‌ରେ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍ ସହେତେ ୨୦ ଟା ଜିଲ୍ଲାକେ ଘଡ୍‌ଘଡ଼ି ସାଙ୍ଗେ ଜବର୍ ବର୍ଷା ନେଇକରି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।